# ODM PUBLIC SCHOOL

SESSION : ୦୨

CLASS : ଚତୁର୍ଥ ଶ୍ରେଣୀ

SUBJECT : ଓଡ଼ିଆ

TOPIC : ସେମାନେ ଆମ ଭାଇ ଭଉଣୀ

SUB TOPIC : ଲେଖିକା ପରିଚୟ, ବିଷୟ ବ୍ୟାଖ୍ୟା ଓ କଠିନ ଶବ୍ଦ

CHANGING YOUR TOMORROW

# ଶୈକ୍ଷିକ ଉଦ୍ଦେଶ୍ୟ

ଆଲୋଚନା ମାଧ୍ୟମ ରେ ଓଡିଶା ର ବିଭିନ୍ନ ଜନଜାତିଙ୍କ ବିଷୟ ରେ ଜ୍ଞାନ ଆହରଣ କରିବା

# ଲେଖିକା ପରିଚୟ



**ଡଃ ପ୍ରତିଭା ରାୟ**

ଓଡିଶା ର ଗର୍ବ ଓ ଗୌରବ ଶ୍ରୀମତୀ ଡଃ ପ୍ରତିଭା ରାୟ କଟକ ଜିଲ୍ଲା ର ବାଲିକୁଦା ରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ଓଡ଼ିଆ ଭାଷା ପାଇଁ ଅବଦାନ ଅନନ୍ୟ । ତାଙ୍କର ଲେଖା ଗୁଡିକ ମଧ୍ୟରୁ ବର୍ଷା ବସନ୍ତ ବୈଶାଖ , ଅରଣ୍ୟ , ନିଶବ୍ଦ ପୃଥିବୀ , ପୁଣ୍ୟତୋୟା , ଦୂର ଦ୍ୱିବିଧ , ଗଙ୍ଗା ଶିଉଳି ପ୍ରଧାନ । ସେମାନେ ଆମ ଭାଇ ଭଉଣୀ ବିଷୟ ଟି ତାଙ୍କ ଲିଖିତ ଭ୍ରମଣ କାହାଣୀ ରୁ ଆସିଅଛି ।


ଓଡିଶା ର ଜନଜାତି

# ସେମାନେ ଆମ ଭାଇ ଭଉଣୀ



କୁଞ୍ଚୁକୁଞ୍ଚିଆ କେତେ ଯେ ପାହାଡ଼ ହାତ ଧରାଧରି ହୋଇ, କାନ୍ଧକୁକାନ୍ଧ ମିଳାଇ ସେମିତି ଠିଆ ହୋଇଛନ୍ତି କେଜାଣି କେତେ କାଳରୁ ! ଆକାଶକୁ ମୁଣ୍ଡଟେକି ପାଚିରୀ ପରି ଠିଆ ହୋଇଥିବା ସେଇ ଉଚ୍ଚାଉଚ୍ଚା ପାହାଡ଼ ଗୁଡ଼ିକର ନାଆଁ ହେଉଛି "ବଣ୍ଡା ପାହାଡ଼"। ସେଇ ପାହାଡ଼ ଉପରେ ସମତଳ ଅଞ୍ଚଳଠାରୁ ବହୁତ ଉଚ୍ଚରେ ବାସ କରନ୍ତି ଆମରି ଭଳି କେତେ ମଣିଷ, ଆଉ କେତେ ଜାତିର ପଶୁପକ୍ଷୀ । ପାହାଡ଼ର ଏତେ ଉଚ୍ଚରେ ଘରଦ୍ୱାର କରି ରହୁଥିଲେ ମଧ୍ୟ ସେଇ ଲୋକମାନେ ଆମଠାରୁ ଭିନ୍ନ ନୁହଁନ୍ତି; କିନ୍ତୁ ସେମାନଙ୍କ ଚାଲିଚଳନ, ପୂଜାପରବ, ବାହାବ୍ରତ ଇତ୍ୟାଦି ଭିନ୍ନ ପ୍ରକାରର। ସେମାନେ ନାଚନ୍ତି, ଗାଆନ୍ତି, ଖେଳନ୍ତି, କେତେ ପ୍ରକାରର ପରବ ପାଳନ୍ତି। ସମତଳ ଅଞ୍ଚଳ ଲୋକେ ସେମାନଙ୍କୁ କହନ୍ତି 'ବଣ୍ଡା'। ଆଗେ ସେମାନେ



# କଠିନ ଶବ୍ଦ

ODM EDUCATIONAL GROUP
Changing your Tomorrow

| | |
|---|---|
| ମିଳାଇ | ମିଶାଇ |
| କେତେକାଳ ରୁ | କେଉଁ ସମୟ ରୁ |
| ସମତଳ | ସମାନ |
| ଜାତିର | ପ୍ରକାର ର |
| ଭିନ୍ନ | ଅଲଗା |

# ସେମାନେ ଆମ ଭାଇ ଭଉଣୀ

ODM EDUCATIONAL GROUP

ଦେହରେ ଖୁବ୍ କମ୍ ଲୁଗାପଟା ପିନ୍ଧୁଥିଲେ। ସେଇଥିପାଇଁ ତାଙ୍କ ସାଙ୍ଗରେ ଏ ବଣ୍ଡା ଶବ୍ଦଟି ଯୋଡ଼ାଯାଇଛି । କିନ୍ତୁ ସେମାନେ ନିଜକୁ କହନ୍ତି 'ରେମୋ'। 'ରେମୋ'ର ଅର୍ଥ ମଣିଷ। କେତେ ସୁନ୍ଦର ଭାବେ ନିଜର ପରିଚୟ ସେମାନେ ଦିଅନ୍ତି । ଏବେ ସେମାନେ ଲୁଗା ପିନ୍ଧିବା ଜାଣିଲେଣି। ହେଲେ ଖୁବ୍ କମ୍ ଲୁଗା ପିନ୍ଧନ୍ତି। ସ୍ତ୍ରୀଲୋକମାନେ ବେକରେ କେତେ ପ୍ରକାର ମାଳି ଝୁଲାଇଥା'ନ୍ତି। ସେମାନେ ସମସ୍ତେ ଆମର ଭାଇଭଉଣୀ। ସେମାନେ ବାସକରନ୍ତି ଆମରି ଓଡ଼ିଶା ପ୍ରଦେଶର ମାଲ୍‌କାନ୍‌ଗିରି ଜିଲ୍ଲାର ବଣ୍ଡା ପାହାଡ଼ରେ।

ମାଲ୍‌କାନ୍‌ଗିରି ଆମ ଓଡ଼ିଶାର ଗୋଟିଏ ପାହାଡ଼ିଆ ଜିଲ୍ଲା। ରାଜ୍ୟର ଦକ୍ଷିଣ ସୀମାରେ ଏଇଟି ହେଉଛି ଶେଷ ଜିଲ୍ଲା। ଆଗେ ଏହା ଥିଲା କୋରାପୁଟ ଜିଲ୍ଲାରେ। ଏବେ ଅଲଗା ହୋଇଯାଇଛି ।





# କଠିନ ଶବ୍ଦ

ODM EDUCATIONAL GROUP
Changing your Tomorrow

| | |
|---|---|
| ପରବ | ପର୍ବ |
| ବଣ୍ଡା | ଓଡିଶା ର ଏକ ଜନଜାତି |
| ବାସ କରନ୍ତି | ରୁହନ୍ତି |
| ପାହାଡିଆ | ପାହାଡ଼ ପର୍ବତ ରେ ଭର୍ତ୍ତି |
| ଦକ୍ଷିଣ ସୀମା ରେ | ଦକ୍ଷିଣ ପଟ ରେ |

ODM EDUCATIONAL GROUP
Changing your Tomorrow

# ଲବ୍ଧଜ୍ଞାନ ର ଫଳାଫଳ

## ଜନଜାତି ଙ୍କ ବିଷୟ ରେ ଜ୍ଞାନ ହାସଲ କରିବା

# ଗୃହ କାର୍ଯ୍ୟ

ଓଡିଶା ରେ ବାସ କରୁଥିବା ବିଭିନ୍ନ ଜନଜାତି ଙ୍କ ନାମ ଲେଖ






# THANKING YOU

# ODM EDUCATIONAL GROUP